# NATIONAL NEWS BULLETIN (ODIA)
## 08th January - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ।

— ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଭୁବନେଶ୍ୱରଠାରେ ଆସନ୍ତାକାଲି କରିବେ ଉଦ୍‌ଘାଟନ ।

- ଏକ ଦେଶ - ଏକ ନିର୍ବାଚନ ସମ୍ପର୍କିତ ବିଲ୍ ଦୁଇଟି ଉପରେ ବିଚାର ବିମର୍ଶ ଲାଗି ଆଜି ହେବ ଜେ.ପି.ସି.ର ପ୍ରଥମ ବୈଠକ ।

- ଇସ୍ରୋର ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ଭି. ନାରାୟଣନ୍ ।

- ନେପାଳ-ତିବତ ସୀମାରେ ଘଟିଥିବା ଭୂକମ୍ପରେ ମୃତ୍ୟୁସଂଖ୍ୟା ୧୨୬କୁ ବୃଦ୍ଧି ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ଗତକାଲି ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କଲା କଳିଙ୍ଗ ଲାନ୍‌ସର୍ସ ।

## ପି.ଏମ୍. - ଆନ୍ଧ୍ରପ୍ରଦେଶ-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଗସ୍ତରେ ଆସିବେ । ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ନିରନ୍ତର ବିକାଶ, ଶିଳ୍ପ ଅଭିବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ପୁଡ଼ିମାଡ଼ାକାଠାରେ ୧ ଲକ୍ଷ ୮୫ ହଜାର କୋଟି ଟଙ୍କାର ଅତ୍ୟାଧୁନିକ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ପ୍ରକଳ୍ପର ଶିଳାନ୍ୟାସ କରିବେ । ୨୦ ଗିଗାୱାଟ୍‌ର ଅକ୍ଷୟଶକ୍ତି କ୍ଷମତା ସମ୍ପନ୍ନ ଦେଢ଼ ହଜାର ଟି.ପି.ଡି. ଗ୍ରୀନ୍ ହାଇଡ୍ରୋଜେନ ଏବଂ ଗ୍ରୀନ୍ ମିଥାନଲ୍, ଗ୍ରୀନ୍ ୟୁରିଆ ଏବଂ ନିରନ୍ତର ବିମାନ ଇନ୍ଧନ ଭଳି ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ । ବିଶାଖାପାଟଣାଠାରେ ଆଜି ସନ୍ଧ୍ୟାରେ ପହଞ୍ଚି ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପୱନ୍ କଲ୍ୟାଣଙ୍କ ସହ ଏକ ରୋଡ୍‌ଶୋ'ରେ ଯୋଗଦେବେ । ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ପଡ଼ିଆରେ ସାଧାରଣ ସଭାକୁ ସମ୍ବୋଧନ

କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ବିଶାଖାପାଟଣା ଦକ୍ଷିଣତଟ ରେଳପଥ ମୁଖ୍ୟାଳୟ ସମେତ ୧୯ ହଜାର ୫୦୦ କୋଟି ଟଙ୍କାର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ।

ଓଡ଼ିଶା ସରକାରଙ୍କ ସହଯୋଗରେ ଭୁବନେଶ୍ୱରଠାରେ ଆୟୋଜିତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ପ୍ରବାସୀ ଭାରତୀୟ ଓଡ଼ିଶାରେ ପହଞ୍ଚିଛନ୍ତି । ୭୦ଟି ରାଷ୍ଟ୍ରର ପ୍ରାୟ ୪ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଏହି ସମ୍ମିଳନୀରେ ଯୋଗ ଦେଉଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ସମ୍ମିଳନୀ ଅବସରରେ 'ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଅବଦାନ' ଶୀର୍ଷକ ଆଲୋଚନା ଆୟୋଜିତ ହେବ । ସୂଚନାଯୋଗ୍ୟ, ପ୍ରବାସୀ ଭାରତୀୟ ସମ୍ମିଳନୀ ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହେଉଛି । ଓଡ଼ିଶାରେ ପ୍ରଥମ ଥରପାଇଁ ଏଭଳି ସମ୍ମିଳନୀର ଆୟୋଜନ କରାଯାଇଛି । ରାଜ୍ୟର ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହି ସମ୍ମିଳନୀ ଏକ ଉତ୍କୃଷ୍ଟ ଅବସର ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

## ଜୟଶଙ୍କର - ଓଡ଼ିଶା

ଓଡ଼ିଶା ଗସ୍ତରେ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ପୁରୀ ଏବଂ ଭୁବନେଶ୍ୱରରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଛନ୍ତି । ଡକ୍ଟର ଜୟଶଙ୍କର ସପତ୍ନୀକ ଗତକାଲି ପୂର୍ବାହ୍ନରେ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ପରିଦର୍ଶନ କରିବା ପରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ କରିଛନ୍ତି । ପରେ ରଘୁରାଜପୁର ଐତିହ୍ୟ ଗ୍ରାମ, ଧଉଳି ଶାନ୍ତିସ୍ତୂପ ଏବଂ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିଛନ୍ତି । ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଡକ୍ଟର ଜୟଶଙ୍କର ଆଜିଠାରୁ ଭୁବନେଶ୍ୱର ଜନତା ମଇଦାନରେ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବେ ।

## ଜେ.ପି.ସି. - ୱାନ୍ ନେସନ ୱାନ୍ ଇଲେକ୍ସନ

'ଏକ ଦେଶ : ଏକ ନିର୍ବାଚନ' ସମ୍ବନ୍ଧୀୟ ଦୁଇଟିଯାକ ବିଲ୍ ଉପରେ ବିଚାରବିମର୍ଶ ଲାଗି ଯୁଗ୍ମ ସଂସଦୀୟ କମିଟି - ଜେ.ପି.ସି.ର ଆଜି ପ୍ରଥମ ବୈଠକ ଅନୁଷ୍ଠିତ ହେବ । ୩୯ ଜଣିଆ କମିଟିରେ ଲୋକସଭାର ୨୭ ଜଣ ଏବଂ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି । ସଂସଦର ଆଗାମୀ

ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ସୁଦ୍ଧା କମିଟି ତା'ର ରିପୋର୍ଟ ପ୍ରଦାନ କରିବାନେଇ ସମୟସୀମା ଧାର୍ଯ୍ୟ ହୋଇଛି । ସୂଚନାଯୋଗ୍ୟ, ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍-୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍-୨୦୨୪ ଉପରେ ବୈଠକରେ ଆଲୋଚନା ହେବ ।

## ଦିଲ୍ଲୀ ଇଲେକ୍ସନ

ଦିଲ୍ଲୀ ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଗତକାଲି କହିଛନ୍ତି, ଆସନ୍ତା ଫେବୃୟାରୀ ୫ ତାରିଖରେ ମତଦାନ ସହ ୮ ତାରିଖରେ ଭୋଟ୍ ଗଣତି ହେବ । ଏଥିପାଇଁ ଆସନ୍ତା ୧୦ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ବିଧାନସଭାର ସମସ୍ତ ୭୦ ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । ଆସନ୍ତା ୧୭ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ଧାର୍ଯ୍ୟ ହୋଇଛି । ସୂଚନା ଯୋଗ୍ୟ ଆସନ୍ତା ୨୩ ତାରିଖରେ ଚଳିତ ସରକାରଙ୍କ କାର୍ଯ୍ୟକାଳ ଶେଷ ହେଉଛି ।

## ଇସ୍ରୋ - ନିୟୁ ଚେୟାର୍‌ମ୍ୟାନ୍

ଭାରତୀୟ ମହାକାଶ ଗବେଷଣଶ ସଙ୍ଗଠନ - ଇସ୍ରୋର ନୂତନ ଅଧ୍ୟକ୍ଷ ଏବଂ ମହାକାଶ ବିଭାଗର ସଚିବ ଭାବେ ଭି. ନାରାୟଣନ୍‌ଙ୍କୁ ସରକାର ନିଯୁକ୍ତ କରିଛନ୍ତି । ଶ୍ରୀ ନାରାୟଣନ୍ ଆସନ୍ତା ୧୪ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ । ବର୍ତ୍ତମାନର ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥନ୍‌ଙ୍କଠାରୁ ସେ ଦାୟିତ୍ୱ ନେବେ । ଶ୍ରୀ ନାରାୟଣନ୍ ବର୍ତ୍ତମାନ କେରଳର ଭାଲିଆମାଲାସ୍ଥିତ ଇସ୍ରୋ ଏଲ୍.ପି.ଏସ୍.ସି.ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ରକେଟ୍ ଏବଂ ମହାକାଶଯାନ ପ୍ରୋପଲ୍‌ସନ୍‌ରେ ତାଙ୍କର ପ୍ରାୟ ୪ ଦଶନ୍ଧିର ଅଭିଜ୍ଞତା ରହିଛି । ୧୯୮୪ ମସିହାରେ ସେ ଇସ୍ରୋରେ ଯୋଗ ଦେଇଥିଲେ ।

## ନେପାଳ-ତିବତ ଆର୍ଥକ୍ୱାକ୍

ନେପାଳ-ତିବତ ସୀମା ଅଞ୍ଚଳରେ ସଂଘଟିତ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୧୨୬କୁ ବୃଦ୍ଧି ପାଇଛି । ଚୀନ୍ ଗଣମାଧ୍ୟମର ରିପୋର୍ଟ୍ ଅନୁସାରେ ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୭ ଦଶମିକ୍ ୧ ଥିବା ରେକର୍ଡ କରାଯାଇଥିବା ବେଳେ ଏଥିରେ ୧୮୮ ଜଣ ଲୋକ ଆହତ ହୋଇଛନ୍ତି। ନେପାଳ ସୀମା ନିକଟସ୍ଥ ୧୦ କିଲୋମିଟର ଦୂରରେ ଥିବା ଜିଜାଙ୍ଗ ତିବତ ସ୍ୱୟଂଶାସିତ

ଅଞ୍ଚଳରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା । ଜିଜାଙ୍ଗ ସହରରେ ବହୁ ଲୋକ ଆହତ ହେବା ସହ ବିଭିନ୍ନ କୋଠା ଘର ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ଟୋଙ୍ଗଲାଇ ଗ୍ରାମ, ତାଙ୍ଗସୁଓ ସହରାଞ୍ଚଳର ଡିଙ୍ଗରି ଅଞ୍ଚଳରେ ବହୁ ଘର କ୍ଷତିଗ୍ରସ୍ତ ହୋଇଛି । ପ୍ରଥମ ଭୂକମ୍ପ ପରେ ପରବର୍ତ୍ତୀ ଦୁଇଥର ଝଟକା ଅନୁଭୂତ ହୋଇଥିବା ଜଣାପଡ଼ିଛି । ଉତ୍ତର ଭାରତ ସମେତ ବିହାର, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ରେ ଏହି ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା । ତେବେ ଭାରତରେ ଏହି ଭୂକମ୍ପ ଜନିତ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି ।

## ଓମ୍ ବିର୍ଲା

ଲୋକସଭା ବାଚସ୍ପତି ଓମ୍ ବିର୍ଲା ପାଞ୍ଚଦିନିଆ ବ୍ରିଟେନ୍, ସ୍କଟ୍‌ଲାଣ୍ଡ ଏବଂ ଗୁଏର୍ଣ୍ଡସେ ଗସ୍ତରେ ଯାଇଛନ୍ତି । ବ୍ରିଟେନ୍‌ର ହାଉସ୍ ଅଫ୍ କମନ୍‌ସର ବାଚସ୍ପତି ଲିଣ୍ଡ୍‌ସେ ହୋଏଲ୍‌ଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ବିର୍ଲା ଗତକାଲିଠାରୁ ବ୍ରିଟେନ୍ ଗସ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ସେ ବ୍ରିଟେନ୍‌ର ଉଚ୍ଚସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବି.ଆର୍.ଆମ୍ବେଦକର ସଂଗ୍ରହାଳୟ ପରିଦର୍ଶନ କରିବା ସହ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ବ୍ରିଟେନ୍‌ରେ ଥିବା ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ

କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ସ୍କଟ୍‌ଲାଣ୍ଡ ଏବଂ ଗୁଏର୍ଣ୍ଣସେ ଗସ୍ତ ଅବସରରେ ଶ୍ରୀ ବିର୍ଲା ସେଠାକାର ଉଚ୍ଚସ୍ତରୀୟ ନେତୃବୃନ୍ଦଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଗୁଏର୍ଣ୍ଣସେଠାରେ ଶୁକ୍ରବାର ଦିନ ରାଜ୍ୟଗୋଷ୍ଠୀର ବାଚସ୍ପତି ଓ ପ୍ରିଜାଇଡିଂ ଅଫିସରଙ୍କ ସମ୍ମିଳନୀ ଷ୍ଟାଣ୍ଡିଂ କମିଟି ବୈଠକରେ ଅଧ୍ୟକ୍ଷତା କରିବେ । ଏହି ଅବସରରେ ସେ ବିଭିନ୍ନ ଦେଶର ସାଂସଦଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ରାଜନାଥ ସିଂହ - ଆଗ୍ରା

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଭାରତ ସୀମା ନିକଟରେ ତିବତରେ ବ୍ରହ୍ମପୁତ୍ର ନଦୀ ଉପରେ ଏକ ବୃହତ୍ ନଦୀବନ୍ଧ ନିର୍ମାଣ କରିବା ନେଇ ଚୀନ୍‌ର ଯୋଜନା ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି । ଏହି ବନ୍ଧ ନିର୍ମାଣ ନେଇ ଚୀନ୍ ନିଜର ଯୋଜନା ସମ୍ପର୍କରେ ଘୋଷଣା କରିବା ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି । ଭାରତ ନିଜର ସ୍ୱାର୍ଥରକ୍ଷା ପାଇଁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି । ଏହି ନଦୀବନ୍ଧ ନିର୍ମଣଦ୍ୱାରା ଭାରତର ବ୍ରହ୍ମପୁତ୍ର ନଦିତଳିଆ ଅଞ୍ଚଳଗୁଡ଼ିକର ଯେପରି ସ୍ୱାର୍ଥହାନି ନ ହୁଏ, ତାହା ସୁନିଶ୍ଚିତ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି । ଉତ୍ତର ପ୍ରଦେଶ ମାଧ୍ୟମିକ ଶିକ୍ଷକ ସଂଘର

୫୭ତମ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେବା ଅବସରରେ ଆଗ୍ରାଠାରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି ।

## ଗଡ଼କରୀ - ରୋଡ୍ ସେଫ୍ଟି

ସର୍ବଭାରତୀୟ ସ୍ତରରେ ଡ୍ରାଇଭିଂ ତାଲିମ୍ ଅନୁଷ୍ଠାନ - ଡି.ଟି.ଆଇ. ପ୍ରତିଷ୍ଠା କରାଯିବ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେଇଛନ୍ତି । ଏହି ଅନୁଷ୍ଠାନ' ସ୍ୱୟଂଚାଳିତ ପରୀକ୍ଷାକେନ୍ଦ୍ର ଏବଂ ଏ ସଂକ୍ରାନ୍ତ ସମନ୍ୱୟ ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ କରିବ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ଗାଡ଼ିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ସଡ଼କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ସଡ଼କ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଏ ଦିଗରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ଗଡ଼କରୀ ସୂଚନା ଦେଇଥିଲେ ।

## ଏଚ୍.ଆଇ.ଏଲ୍. - ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ' ଶ୍ରାଚି ରାହ ବେଙ୍ଗଲ୍ ଟାଇଗର୍ସଙ୍କୁ ୬-୦ ଗୋଲ୍‌ରେ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି । କଳିଙ୍ଗ ଲାନ୍‌ସର୍ସ ୪ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟି ଅମୀମାଂସିତ ଏବଂ ୨ଟି ପରାଜୟ ସହ ୪ ପଏଣ୍ଟ ହାସଲ କରିଛି । କଳିଙ୍ଗ ଲାନ୍‌ସର୍ସର କ୍ରିଷନ୍ ବାହାଦୁର ପାଠକ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆଜି ୨ଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଗୋନାସିକା ହକି ଦଳ ତାମିଲ୍‌ନାଡୁ ଡ୍ରାଗନ୍‌ସଙ୍କୁ ଭେଟୁଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରସ୍ ଏବଂ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ମୁକାବିଲା ହେବ ।

## ଆଇ.ଏସ୍.ଏଲ୍. - ଫୁଟ୍‌ବଲ୍

ଇଣ୍ଡିଆ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ଏଫ୍.ସି. ଗୋଆ ଏବଂ ହାଇଦ୍ରାବାଦ ଏଫ୍.ସି. ମଧ୍ୟରେ ମୁକାବିଲା ହେବ । ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍

ଖେଳାଯିବ । ଏଫ୍.ସି. ଗୋଆ ପଏଣ୍ଟ୍ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ହାଇଦ୍ରାବାଦ ଏଫ୍.ସି. ଦ୍ୱାଦଶ ସ୍ଥାନରେ ରହିଛି ।

## ଆଇ.ଏସ୍.ଏଲ୍. - ଫୁଟ୍‌ବଲ୍

ଇଣ୍ଡିଆ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ଏଫ୍.ସି. ଗୋଆ ଏବଂ ହାଇଦ୍ରାବାଦ ଏଫ୍.ସି. ମଧ୍ୟରେ ମୁକାବିଲା ହେବ । ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ଏଫ୍.ସି. ଗୋଆ ପଏଣ୍ଟ୍ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ହାଇଦ୍ରାବାଦ ଏଫ୍.ସି. ଦ୍ୱାଦଶ ସ୍ଥାନରେ ରହିଛି ।

*****